


# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ସେପ୍ଟେମ୍ବର-୨୦୨୦ (କନ୍ୟା ସଂକ୍ରାନ୍ତି) SEPT. - 2020


## ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ

ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମୋତ୍ସବ ଲୀଳାମାନ ଭାଦ୍ର କୃଷ୍ଣ ସପ୍ତମୀ ଠାରୁ ଆରମ୍ଭ ହୋଇ ଶୁକ୍ଲପକ୍ଷ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ଦିବସରେ ଶ୍ରୀକୃଷ୍ଣ ଲୀଳା ସମ୍ବନ୍ଧୀୟ ବନଭୋଜି ବେଶ, କାଳୀୟଦଳନ ବେଶ, ପ୍ରଲମ୍ବାସୁର ବଧ ବେଶ, କୃଷ୍ଣବଳରାମ ବେଶ, ବକାସୁର ବଧ ବେଶ, ଅଘାସୁର ବଧ, ଧେନୁକାସୁର ବଧ, ବିମ୍ବାସୁର ବଧ, କେକେଶୀ ବଧ, ମଥୁରାହାଟ ଜୁର ଓ କଂସବଧାଦି ଲୀଳାମାନ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁଙ୍କର ଏହି ଲୀଳା ସଂଦର୍ଶନ ଦ୍ୱାରା ଭକ୍ତଗଣ ଅଶେଷ ପୂଣ୍ୟର ଅଧିକାରୀ ହୋଇଥାନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି ।



ସ୍କନ୍ଦପୁରାଣ ମତରେ ପରମପାବନ ଜଗଦୀଶ୍ୱରଙ୍କର ମୂଳ ଆୟତନ । ସାଧୁମାନଙ୍କ ଉଦ୍ଧାର କରିବା ପାଇଁ, ଦୁର୍ଜନମାନଙ୍କ ବିନାଶ କରିବା ପାଇଁ ଓ ଧରାଧାମରେ ଧର୍ମର ପ୍ରତିଷ୍ଠା କରିବା ପାଇଁ ପ୍ରତି ଯୁଗରେ ମହାପ୍ରଭୁ ବିଭିନ୍ନ ଅବତାର ଗ୍ରହଣ ପୂର୍ବକ ନିଜର କର୍ତ୍ତବ୍ୟ ସମ୍ପାଦନ ପରେ ପୁନଶ୍ଚ ମୂଳ ଆୟତନକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଦ୍ୱାପର ଯୁଗରେ ମହାପ୍ରଭୁ ଏହି ପାବନ କ୍ଷେତ୍ରରୁ ଯାଇ ମଥୁରାରେ ଶ୍ରୀକୃଷ୍ଣ ରୂପରେ ଜନ୍ମ ଗ୍ରହଣ କରି ଓ ସମସ୍ତ ଲୀଳା ସମ୍ପାଦନ ପରେ ପୁନଶ୍ଚ ଏହି କ୍ଷେତ୍ରକୁ ପ୍ରତ୍ୟାଗମନ କରିଥିଲେ ।

ସେହି ସ୍ମୃତିରେ ପ୍ରତିବର୍ଷ ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥିରେ ମୂଳାୟତନ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ପାଳିତ ହୋଇଥାଏ, ବିଶ୍ୱନିୟନ୍ତା ଭଗବାନ ଶ୍ରୀକୃଷ୍ଣଙ୍କର ପବିତ୍ର ଜନ୍ମ ଲୀଳା । ଜନ୍ମାଷ୍ଟମୀର ପୂର୍ବଦିନ ଅର୍ଥାତ୍ ଭାଦ୍ର କୃଷ୍ଣ ସପ୍ତମୀ ଦିନ ମହାପ୍ରଭୁଙ୍କର ସନ୍ଧ୍ୟାଧୂପ ବଢ଼ିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ରହେ ଏବଂ ଯେଉଡ଼ ଭୋଗ ନିମନ୍ତେ ଭିତରକାଠ ନିକଟରେ ଟେରା ବନ୍ଧାଯାଇ ଅଣସର ପିଣ୍ଡିକୁ ଜେଉଡ଼ ଭୋଗ ଛେକରେ ଅଣାଯାଇ ରଖାଯିବା ପରେ ଶ୍ରୀବିଗ୍ରହମାନଙ୍କର ଶ୍ରୀଅଙ୍ଗରେ ପ୍ରସାଦଲାଗି ବଢ଼େ । ତିନିଜଣ ପୂଜକ ତିନି ବାଡ଼ରେ ପଞ୍ଚୋପଚାର ବିଧିରେ ପୂଜା ସାରନ୍ତି । ତିନିଠାକୁରଙ୍କୁ ବନ୍ଦାପନା କରାଯାଏ । ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥାଏ । ଏହି ଅଧିକ ବନ୍ଦାପନାକୁ 'ଗର୍ଭୋଦକ ବନ୍ଦାପନା' କୁହାଯାଏ । ଏଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ 'ଦେବକୀ' ହିସାବରେ ଜ୍ଞାନ କରି ତାଙ୍କର ସୁଖ ପ୍ରସବ ପାଇଁ ଯେ କି, ନିଜେ ପରଦିନ ଶ୍ରୀକୃଷ୍ଣ ଭାବରେ ଜନ୍ମ ହେବେ, ତାଙ୍କୁ ଏହି ବିଶେଷ ଗର୍ଭ ଉଦକ ବନ୍ଦାପନା କରାଯାଇଥାଏ ।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଶ୍ରୀକୃଷ୍ଣ ଜନ୍ମୋତ୍ସବ ବିଧି ଭାଦ୍ର କୃଷ୍ଣ ଅଷ୍ଟମୀ ଦିନ ନିଶାର୍ଦ୍ଧରେ ଅନୁଷ୍ଠିତ ହୋଇଥାଏ । ଜନ୍ମାଷ୍ଟମୀ ଦିନ ସନ୍ଧ୍ୟାଧୂପ ବେଶରେ ଠାକୁରମାନେ ଅଳଙ୍କାର ଛଅ ମୂର୍ତ୍ତି ଲାଗି ହୁଅନ୍ତି ଏବଂ ସନ୍ଧ୍ୟା ଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ ରହେ । ଭଣ୍ଡାର ଘର ଦ୍ୱାର ଠାରେ ପାଣିପଢ଼ି ପୋଛା ମରାଯାଏ । ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ସର୍ବତୋଭଦ୍ର ମଣ୍ଡଳ ପକାନ୍ତି । ଭିତର ଗମ୍ଭୀରାରେ ଧୋପଖାଳ ହୁଏ । ସୁଧସୁଆର ମଣ୍ଡଳ ପାଖରେ ପୂଜା ଠା' କରନ୍ତି । ପଣ୍ଡା, ପତି ଓ ମୁଦିରସ୍ତ ଜନ୍ମ ଚକଡ଼ାରେ ବସି ସଂକଳ୍ପ ବାକ୍ୟ ପାଠ କରନ୍ତି । ଏହାପରେ କଳସ ବସି ବରୁଣ ପୂଜା ହୁଏ । ବଣିଆଠାରୁ ଅଣାଯାଇଥିବା ରୂପାପଦ୍ମ ମଣ୍ଡଳ ଉପରେ ରଖାଯାଏ । ତାହା ଉପରେ ଚିତ୍ରକର ଦେଇଥିବା କୃଷ୍ଣ ଜନ୍ମପଟି ପୂଜକ ସଂସ୍କାର ପୂର୍ବକ ସ୍ଥାପନ କରନ୍ତି । ଏହି ରୂପା ପଦ୍ମର ଆଠ ପାଖୁଡ଼ାରେ ଯଥାକ୍ରମେ- ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ, ବଳଭଦ୍ର ଓ ଗାର୍ଗବ ମୁନିଙ୍କର ଚିତ୍ର ଅଙ୍କିତ ହୋଇଥାଏ । ଏଥି ସହ ସ୍ୱର୍ଣ୍ଣ ନିର୍ମିତ ଏକ କୃଷ୍ଣମୂର୍ତ୍ତି ସେହି ମଣ୍ଡଳ ଉପରେ ରଖାଯାଏ । ଉକ୍ତ ନଅଗୋଟି ବିଗ୍ରହଙ୍କଠାରେ ନଅ ଗୋଟି ପନ୍ତି ଭୋଗ ବଢ଼ାଯାଇ ଫୁଲ ଓ ଚନ୍ଦନ ଲାଗି ହେବାପରେ ପୂଜାପଣ୍ଡା ଯଜ୍ଞୋପଚାର ବିଧିରେ ଭୋଗ ବଢ଼ାଇଥାନ୍ତି । ଏହିସବୁ ବିଧି ବଢ଼ିବା ପରେ ଦକ୍ଷିଣ ଘରୁ ବିବସ୍ତ୍ର ମଦନମୋହନଙ୍କୁ ରତ୍ନସିଂହାସନ ଉପରେ ବିଜେ କରାଯାଏ । ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇବା ପରେ ମଦନମୋହନ ବିଜେ ହୋଇ ଆସି ଜନ୍ମ ଚକଡ଼ାରେ ବସନ୍ତି । ଏଠାରେ ଦେବକୀଙ୍କ ଗର୍ଭରେ ଥିବା ଶ୍ରୀକୃଷ୍ଣ ରୂପରେ ମଦନମୋହନଙ୍କୁ କଳ୍ପନା କରାଯାଇ ତାଙ୍କ ନିକଟରେ ଷୋଡ଼ଶୋପଚାର ବିଧିରେ ଶୀତଳ ଭୋଗ ମଣୋହି କରାଯାଏ । ଦୁଇଜଣ ମହାଜନ ସେବକ ଲୁଗା ଘୋଡ଼ି ହୋଇ ଦେବକୀ ଓ ବସୁଦେବ ରୂପରେ ଜନ୍ମ ଚକଡ଼ାଠାରେ ରହି ଜନ୍ମବିଧି ସମ୍ପାଦନ କରାନ୍ତି । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ଜନ୍ମ ଚକଡ଼ାକୁ ଦୁଧ, ଲହୁଣୀ ଓ ଗଣ୍ଠୁଷ ମସଲା ଆସିଲେ ପୂଜାପଣ୍ଡା ସମର୍ପଣ ମଣୋହୀ ଓ କର୍ପୂର ଆଳତି କରିଥାନ୍ତି । ଏହାପରେ ରୂପା ଥାଳିରେ ମଦନମୋହନ ବିଜେ ହୋଇ ଛାମୁ ଦିହୁଡ଼ି ନଥାଇ ବିନା ଘଣ୍ଟ ବାଦ୍ୟରେ ମହାଜନଙ୍କ ହାତରେ ସରସ୍ୱତୀଙ୍କ ମନ୍ଦିର ଆଗକୁ ଯାଆନ୍ତି । ଦେବକୀ ଓ ବସୁଦେବ ଏହାଙ୍କ ସଙ୍ଗେ ସଙ୍ଗେ ଯାଇଥାନ୍ତି । ଏହି ସ୍ଥାନକୁ ଯମୁନା ନଦୀ ଭାବରେ ବିବେଚନା କରାଯାଏ । ଉଗ୍ରସେନ ରୂପରେ ଜଣେ ପୂଜାପଣ୍ଡା ସେବକ ଆସି ଦଣ୍ଡ ପ୍ରଣାମ କରନ୍ତି । ଏଠାରେ ପ୍ରସାଦ ଲାଗି ଓ ବନ୍ଦାପନା ବଢ଼ିବା ଉତ୍ତାରେ ଘଣ୍ଟ ଛତା କାହାଳୀ ସହିତ ଠାକୁର ନାଭିକଟା ମଣ୍ଡପକୁ ଯାଇ ସେଠାରେ ପଡ଼ିଥିବା ଖଟ ଶେଯ ଉପରେ ବିଜେ କରନ୍ତି । ଏହି ସମୟରେ ଦକ୍ଷିଣ ଘରୁ ରାମ, କୃଷ୍ଣ ଆସି ଶେଯରେ ବିଜେ କଲା ପରେ ଏଠାରେ ନାଭି ଛେଦନଠାରୁ ଯଜ୍ଞୋପବୀତ ପର୍ଯ୍ୟନ୍ତ ସମସ୍ତ କର୍ମ ସମ୍ପନ୍ନ ହୁଏ । ଏହାପରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ବଢ଼ି ବନ୍ଦାପନା ସରିଲେ ଠାକୁରମାନେ ହାତରେ ବିଜେ ହୋଇ ଯାଇ ଜଗମୋହନରେ ପୂର୍ବରୁ ପ୍ରସ୍ତୁତ ଥିବା ଦୋଳିରେ ବିଜେ କରନ୍ତି । ଏଠାରେ ପାଣି ପଡ଼ି ଟେରା ବନ୍ଧାଗଲେ ଶୀତଳଭୋଗ (ରାଶିକୋରା ଓ ଲଡୁ) ଷୋଡ଼ଶୋପଚାରରେ ପୂଜା ହୁଏ । ତା'ପରେ ଠାକୁରମାନଙ୍କୁ ବନ୍ଦାପନା କରାଯାଏ । ଭିତରେ ପାଣିପଢ଼ି ବଡ଼ସିଂହାର ବେଶ ଛେକ ଆସିଲେ ଦୋଳିରେ ଥିବା ରାମ, କୃଷ୍ଣ ଦୁଇମୂର୍ତ୍ତି ଭିତର ରତ୍ନସିଂହାସନକୁ ବିଜେ କରନ୍ତି । ମଦନମୋହନ ଦକ୍ଷିଣ ଘରକୁ ଯା'ନ୍ତି । ଏହାପରେ ଶ୍ରୀଜୀଉଙ୍କର ବଡ଼ସିଂହାର ଭୋଗ ଓ ପହୁଡ଼ ଆଦି ନୀତି ଅନୁଷ୍ଠିତ ହୋଇଥାଏ । ଜନ୍ମାଷ୍ଟମୀ ପରଦିନ ଶ୍ରୀମନ୍ଦିରରେ 'ନନ୍ଦୋତ୍ସବ ଲୀଳା' ଅନୁଷ୍ଠିତ ହୁଏ ।

*ସୌଜନ୍ୟ- ଡ଼ଃ. ନରେଶ ଚନ୍ଦ୍ର ଦାଶ*

# ଶ୍ରୀମନ୍ଦିର ନୀତି ପରିକ୍ରମା

**ଶ୍ରୀମନ୍ଦିରରେ ସାତପୁରୀ ଅମାବାସ୍ୟା ଓ ବସ୍ତ୍ରହରଣ ଲୀଳା:**

ତା.୧୯.୮.୨୦ରିଖ ବୁଧବାର ଦିନ ଭାଦ୍ରବ ଅମାବାସ୍ୟା ତିଥିରେ ଅବକାଶ ପରେ ବେଶ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ଗୋପାଳବଲ୍ଲଭ ଭୋଗ ସରିଲା ପରେ ସକାଳ ଧୂପକୁ ସାତପୁରୀ ଭୋଗ ଘଣ୍ଟଛତା କାହାଳୀରେ ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ଭୋଗ ପୂଜା ବସି ସମାପନ ହୋଇ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥିଲେ । ଏହାପରେ ନାରାୟଣ ଅମାବାସ୍ୟା ନିମନ୍ତେ ସାଗର ବିଜେ କରିଥିଲେ । ଅନ୍ୟାନ୍ୟ ନୀତି ହୋଇ ସନ୍ଧ୍ୟାଧୂପ ସମାପନ ପରେ ମଦନମୋହନ ଉତ୍ତରପାର୍ଶ୍ୱ ନାଟପା ମନ୍ଦିର ଖଟକୁ ବିଜେ କରିଥିଲେ । ସେଠାରେ କାଳିକାଦେବୀ ସାହି ତରଫରୁ 'ବସ୍ତ୍ରହରଣ ଲୀଳା ପ୍ରସ୍ତାବ' ଆଗତ ହେଲା ପରେ ଶୀତଳଭୋଗ, ବନ୍ଦାପନା ପରେ ଦକ୍ଷିଣଘରକୁ ବିଜେ କରିଥିଲେ ।

**ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ :**

ତା.୨୨.୮.୨୦ରିଖ ଶନିବାର ଦିନ ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ତିଥିରେ



ସନ୍ଧ୍ୟାଧୂପ ସରିଲା ପରେ ବଟଗଣେଶ ଓ କାଞ୍ଚିଗଣେଶଙ୍କ ନିକଟରେ ଶୀତଳଭୋଗ ଓ ବନ୍ଦାପନା ହେଲା ପରେ ଭୁବନେଶ୍ୱରୀଙ୍କ ନିକଟରେ ଶୀତଳଭୋଗ ବନ୍ଦାପନା ହେବା ପରେ ମୁଳିଆ ସୁଆଁସିଆ ଦେଇଥିବା କାଠ ଭଦ୍ରାସନରେ ବେହେରଣ କରଣମାନଙ୍କ ମାଦଳାପାଞ୍ଜି ରଖାଯାଇ ପତନି ଓ ମାଳଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା ଏବଂ ପରେ ୨୨ଟି ନଡ଼ିଆ କରଣମାନଙ୍କ ଦ୍ୱାରା ଭଙ୍ଗା ଯାଇଥିଲା ।

**ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ:**

ତା.୨.୯.୨୦ରିଖ ବୁଧବାର ଦିନ ଇନ୍ଦ୍ରୋତ୍ସବ ପୂର୍ଣ୍ଣମୀ ଅବସରରେ ସନ୍ଧ୍ୟା ଆଳତି ପରେ ଶ୍ରୀଦୋଳଗୋବିନ୍ଦ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ ହୋଇ ବଡ଼ଛତା ମଠ ନିକଟରେ ବିଜେ କରିଥିଲେ । ସେଠାରେ ଶୀତଳ ଭୋଗ ହେବା ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର,ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ । ବାସେଳୀ ସାହିରୁ 'ଇନ୍ଦ୍ରହାତୀ' ଆସି ନୀତି ସମାପନ କରିଥିଲେ ।

**ଶ୍ରୀମନ୍ଦିରରେ ଦେବୀଉତ୍ଥାପନ ଓ ସହସ୍ରକୁମ୍ଭାଭିଷେକ :**

ତା.୯.୦୯.୨୦ରିଖ ବୁଧବାର ଦିନ ଶ୍ରୀମନ୍ଦିରରେ ଦୁର୍ଗାଙ୍କର ସହସ୍ରକୁମ୍ଭାଭିଷେକ ନୀତି ଯଥାରୀତି ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ସକାଳଧୂପ ସରିଲା ପରେ ଭଣ୍ଡାରରୁ ଦୁର୍ଗା ଦେବୀ ସିଂହାସନକୁ ବିଜେ ହେଲାପରେ ଆଜ୍ଞାମାଳ ପାଇ ସୋମନାଥ (ମାଜଣା) ମଣ୍ଡପ ଖଟକୁ ବିଜେ ହୋଇଥିଲେ । ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ, ଆଚାର୍ଯ୍ୟ, ବ୍ରହ୍ମାବରଣ ହୋଇ ଦୁର୍ଗାଦେବୀଙ୍କୁ ୧୦୦୦ ଗରା ଜଳ ଲାଗି ପରେ ଶ୍ରୀଅଙ୍ଗ ପୋଛା ଯାଇ ବେଶ ହୋଇଥିଲେ । ପରେ ପାଣି ପଡ଼ି ଶୀତଳ ଭୋଗ ବଢ଼ାହେଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ସାରିବା ପରେ ବନ୍ଦାପନା ନୀତି ବଢ଼ିଥିଲା । ଏହାପରେ ବାହୁଡ଼ା ବିଜେ ହୋଇ ଭଣ୍ଡାର ଦୁଆରକୁ ବିଜେ ହୋଇଥିଲେ । ପରେ ମାଧବ ଆଜ୍ଞାମାଳ ପାଇ ଭଣ୍ଡାର ଦୁଆରକୁ ଆସିବା ପରେ କୋଠ ସୁଆଁସିଆ ଯୋଗାଇଥିବା ଭଦ୍ରାସନରେ ଉଭୟ ଦେବଦେବୀ ଏକତ୍ର ରୁନ୍ଧା ହୋଇଥିଲେ ।

**ଶ୍ରୀମନ୍ଦିରରେ ମୂଳାଷ୍ଟମୀ, ଦ୍ୱିତୀୟା ଓଷା ଏବଂ ଷୋଡ଼ଶଦିନାତ୍ମକ ପୂଜାରମ୍ଭ :**

ତା.୧୦.୯.୨୦ରିଖ ଗୁରୁବାର ଦିନ ମୂଳାଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ରଭାବେ ଦ୍ୱିତୀୟା ଓଷା ପାଳନ କରାଯାଇଥିଲା । ଉକ୍ତ ଦିନ ସକାଳ ଧୂପ ସରିଲା ପରେ ଶ୍ରୀଦେବୀ ମହାପ୍ରଭୁଙ୍କର ଆଜ୍ଞାମାଳ ପାଇ ସାତପାହାଚ ଠାରେ ଥିବା ପାଲିଙ୍କିକୁ ବିଜେ ହୋଇଥିଲେ । ସେଠାରୁ ବିମାନବଡୁମାନଙ୍କ ଦ୍ୱାରା ଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇଥିଲେ । ସେଠାରେ ମାଜଣା, ବନକଲାଗି, ମାଳଫୁଲ ଲାଗି ହୋଇ ବେଶବଢ଼ି କର୍ପୂର ଲାଗି ହୋଇଥିଲା । ଏହାପରେ ପାଣି ପଡ଼ି ଭୋଗ, ବନ୍ଦାପନା ହୋଇ 'ଲକ୍ଷ୍ମୀବ୍ରତ କଥା ପଠନ'ପୂଜାପଣ୍ଡା କରିଥିଲେ । ପରେ ମଧ୍ୟାହ୍ନ ଧୂପ ଛେକ ଛାମୁକୁ ଆସିବାରେ ଶ୍ରୀଦେବୀ ବାହୁଡ଼ା ବିଜେ ହୋଇ ସିଂହାସନକୁ ବିଜେ କରିଥିଲେ । ସୂଚନାଯୋଗ୍ୟ, ଉକ୍ତ ଦିନ ପ୍ରଥମେ ଆଜ୍ଞାମାଳ ପାଇ ଶ୍ରୀଦେବୀ ବିଜେ ହୋଇଥିଲେ । ପରେ ଦୁର୍ଗାମାଧବ ଆଜ୍ଞାମାଳ ପାଇ ବିମଳା ମନ୍ଦିରକୁ ଯାଇଥିଲେ । ଏହିଦିନ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ବିମଳାଙ୍କ ସମେତ ଅନ୍ୟ ଦେବୀମାନଙ୍କର 'ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ' ହୋଇଥିଲା । ବିମଳାଙ୍କ ନିକଟରେ ସହସ୍ରକୁମ୍ଭ ଅଭିଷେକ ହୋଇଥିଲା । ଏହିଦିନ ସକାଳ ଧୂପ ସରିଲା ପରେ ବିମଳାଙ୍କ ମନ୍ଦିରରେ ବରୁଣ ପୂଜା ହୋଇ ବ୍ରହ୍ମାବରଣ, ଆଚାର୍ଯ୍ୟ ବରଣ, ସ୍ୱସ୍ତିବାଚନ ହୋଇଥିଲା । ଚଣ୍ଡୀ ବରଣ ପରେ ସଂକଳ୍ପ ହୋଇ ପାଣିପଡ଼ି ଛାମୁରେ ଭୋଗ ବଢ଼ାଯାଇଥିଲା । ପୂଜକ ଷୋଡ଼ଶ ଉପଚାରରେ ମଣୋହି କରିଥିଲେ । ଉକ୍ତ ଭୋଗରେ କୋଠଭୋଗ, ମହାପ୍ରସାଦ ପିଷ୍ଟକମାନ, ଥାଳି ଖେଚେଡ଼ି ପୂଜା ସହ ବିୟଳୀ ବଢ଼ା ଯାଇଥିଲା । ଘଣ୍ଟ, ଛତା, କାହାଳୀ ବାଜୁଥିଲା । ଭୋଗ ସରିଲା ପରେ କର୍ପୂର ଆଳତି, ୨୧ ବତୀ ଆଳତି ବଢ଼ିଥିଲା । ଏହାପରେ ଦୁର୍ଗାମାଧବ ସିଂହାସନରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିମଳାଙ୍କ ମନ୍ଦିର ନିକଟକୁ ଆସିବା ପରେ ଭିତରଛ ମହାପାତ୍ର ଜଳ ଲାଗି କରିଥିଲେ । ପରେ ଭିତରେ ପଡ଼ିଥିବା ଖଟକୁ ଦୁର୍ଗାମାଧବ ବିଜେ ହେଲା ପରେ ପାଣିପଡ଼ି ଶୀତଳଭୋଗ ହୋଇ ବନ୍ଦାପନା ହୋଇଥିଲା । ଏହିପରି ତିନି ଧୂପ ସରିଲା ପରେ ରାତ୍ର ବଡ଼ସିଂହାରର ଚନ୍ଦନଲାଗି ସରିଲାପରେ, ଦୁର୍ଗାମାଧବ ଚନ୍ଦନଲାଗି ହୋଇ ବଡ଼ସିଂହାର ବେଶ ଏବଂ ଭୋଗ ପରେ ବାହୁଡ଼ା ବିଜେ ହୋଇ ଭଣ୍ଡାର ଦୁଆରେ ଖଟକୁ ବିଜେ ହୋଇଥିଲେ ।

ଉଲ୍ଲେଖଯୋଗ୍ୟ, ଏହିପରି ପ୍ରଥମ ଆଠଦିନ ଦୁର୍ଗାମାଧବ ବିମଳା ମନ୍ଦିରକୁ ପାଲିଙ୍କିରେ ବିଜେ ହେଉଥିବାରେ ପର ଆଠ ଦିନରେ ରଥରେ ବିଜେ ହୋଇ ଦୋଳମଣ୍ଡପ ସାହି 'ନାରାୟଣୀ ମନ୍ଦିର'କୁ ବିଜେ ହୁଅନ୍ତି ।



## ସ୍ୱଚ୍ଛ ଆଇକନିକ୍ ସିଟି ସମୀକ୍ଷା ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ଉଚ୍ଚ ପ୍ରଶଂସିତ ।

ଭାରତ ସରକାରଙ୍କ ପାନୀୟ ଜଳ ଏବଂ ପରିମଳ ମନ୍ତ୍ରାଳୟ ଅଧୀନସ୍ଥ 'ସ୍ୱଚ୍ଛ ଭାରତ ମିଶନ' ଏକ ପ୍ରକଳ୍ପ । ଉକ୍ତ ପ୍ରକଳ୍ପ ଅଧୀନରେ ଆସୁଥିବା 'ସ୍ୱଚ୍ଛ ଆଇକନିକ୍ ସିଟି' ଯୋଜନା ଏକ ସ୍ୱତନ୍ତ୍ର ପଦକ୍ଷେପ । ଏହି ଯୋଜନାରେ ଉକ୍ତ ମନ୍ତ୍ରାଳୟ, ଭାରତ ବର୍ଷର କେତୋଟି ବଛାବଛା ତଥା ପ୍ରମୁଖ ଐତିହାସିକ କୀର୍ତ୍ତି ସମ୍ପନ୍ନ, ଆଧ୍ୟାତ୍ମିକ, ସାଂସ୍କୃତିକ ବୈଭବ ବହନ କରିଥିବା ଏବଂ ସର୍ବ ପୁରାତନ ସହର ତଥା ଏ ନଗରୀଗୁଡ଼ିକୁ ଚୟନ କରିଛନ୍ତି । ମୁଖ୍ୟତଃ ଭାବେ ପରିଷ୍କାର, ପରିଚ୍ଛନ୍ନତା ଏବଂ ପରିମଳ ବ୍ୟବସ୍ଥାର ସୁବନ୍ଦୋବସ୍ତ ଏହି ଯୋଜନାର ଆଭିମୁଖ୍ୟ ଅଟେ । ଚୟନ ହୋଇଥିବା ସେହି ସହର ତଥା ନଗର ଗୁଡ଼ିକ ମଧ୍ୟରେ ଆମ ରାଜ୍ୟର ପୁରାତନ ପୁରୀ ସହର ଓ ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରକୁ ୩୦ଟି ତୀର୍ଥସ୍ଥାନ ମଧ୍ୟରୁ ପୁରୀ ସହରକୁ ଅନ୍ତର୍ଭୁକ୍ତ କରାଯାଇଛି ।




ଏହି ପରିପ୍ରେକ୍ଷୀରେ ଗତ ତା ୧୮.୦୨.୨୦ରେ ଝାଡ଼ଖଣ୍ଡ ରାଜ୍ୟର ଦେଓଘରର 'ଅମ୍ରାପଲ୍ଲୀ କ୍ଲାକ୍ ଇନ୍' ହୋଟେଲ ଠାରେ ଏହି ଯୋଜନାର କାର୍ଯ୍ୟ ଅଗ୍ରଗତି ନିମନ୍ତେ ଏକ 'ସମୀକ୍ଷା ବୈଠକ' ଝାଡ଼ଖଣ୍ଡ ସରକାରଙ୍କ ଦ୍ୱାରା ଆୟୋଜିତ କରାଯାଇଥିଲା । ଉକ୍ତ ବୈଠକରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ତଥା ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନିର୍ବାହୀ ଯନ୍ତ୍ରୀ ଶ୍ରୀ ବି. ଆଶିଷ କୁମାର ସୁବୁଦ୍ଧି ଏବଂ କମ୍ପ୍ୟୁଟର ପ୍ରୋଗ୍ରାମର୍ ଶ୍ରୀ ପ୍ରଦୀପ କୁମାର ପଣ୍ଡା ଯୋଗଦାନ କରି ବିବରଣୀ ଉପସ୍ଥାପନ କରିଥିଲେ । ସେମାନେ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଶ୍ରୀମନ୍ଦିର ପରିସର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳର ସୁ-ବନ୍ଦୋବସ୍ତ, ମହାପ୍ରଭୁଙ୍କ ଧାଡ଼ି ଦର୍ଶନ ଏବଂ ତତ୍‌ସହିତ ପୁରୀ ସହରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଇତ୍ୟାଦିର ଅଗ୍ରଗତି ବିଷୟରେ ବିସ୍ତୃତ ବିବରଣୀ ବୈଠକରେ ଉପସ୍ଥାପନ କରିଥିଲେ । ଏତଦ୍‌ବ୍ୟତୀତ ଭବିଷ୍ୟତ ପାଇଁ କ'ଣ କ'ଣ ପଦକ୍ଷେପ ନିଆଯାଇପାରିବ, ସେ ବିଷୟରେ ମଧ୍ୟ ବିସ୍ତୃତ ଭାବେ ଉକ୍ତ ବୈଠକରେ ଆଲୋଚନା କରାଯାଇଥିଲା । ଉଲ୍ଲେଖ୍ୟଯୋଗ୍ୟ ଯେ ଉକ୍ତ ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନିଆଯାଇଥିବା ତଥା ଉପସ୍ଥାପିତ କରାଯାଇଥିବା ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ବୈଠକରେ ମଧ୍ୟ ଉଚ୍ଚ ପ୍ରଶଂସା କରାଯାଇଥିଲା ।

ଏହି ବୈଠକରେ ଝାଡ଼ଖଣ୍ଡ ସରକାରଙ୍କ 'ପାନୀୟ ଜଳ ଏବଂ ପରିମଳ' ବିଭାଗର ସଚିବ ଶ୍ରୀମତୀ ଆରାଧନା ପଟ୍ଟନାୟକ, D.D.W.S.ର ଯୁଗ୍ମ ସଚିବ ଶ୍ରୀ ସମୀର କୁମାର, ଝାଡ଼ଖଣ୍ଡ ସରକାରଙ୍କ ପ୍ରଚାରକ ମଣ୍ଡଳ ନିର୍ଦ୍ଦେଶକ ଶ୍ରୀ ଧାବୁ ଇମ୍ରାନ୍ (S.B.M-G), ପୁରୀ ଜିଲ୍ଲା ଯୋଜନା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଦେବୀ ପ୍ରସାଦ ବେହେରା ଏବଂ N.A.L.C.Oର ସାଧାରଣ ପରିଚାଳକ (Civil)ଶ୍ରୀ ମନୋରଞ୍ଜନ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଶୋକ ସମ୍ବାଦ : ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

### ଶ୍ରୀମନ୍ଦିର ପରିଚାଳନା କମିଟି ପ୍ରାକ୍ତନ ସଦସ୍ୟ ରବିନ୍ଦ୍ରନାଥ ପ୍ରତିହାରୀ, ଇଂ.ବଳଦେବ ସିଂହାରୀ ଏବଂ ପ୍ରେମାନନ୍ଦ ଦାସ ମହାପାତ୍ରଙ୍କ ବିୟୋଗ



### ୰ ରବୀନ୍ଦ୍ର ନାଥ ପ୍ରତିହାରୀ

ଶ୍ରୀମନ୍ଦିରର ବରିଷ୍ଠ ସେବାୟତ,ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରାକ୍ତନ ସଂସ୍କାରବାଦୀ ସେବକ ପ୍ରତିନିଧି ତଥା ଆଇନଜୀବୀ ମଣିକର୍ଣ୍ଣିକା ସାହି ନିବାସୀ 'ରବୀନ୍ଦ୍ର ନାଥ ପ୍ରତିହାରୀ' ତା.୧୦.୫.୦୨ ରୁ ତା. ୧୯.୪.୧୦ ପର୍ଯ୍ୟନ୍ତ ୩ଥର ଲଗାୟତ ଭାବେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ମନୋନୀତ ହୋଇ କାର୍ଯ୍ୟକରିବାରେ ସୁଯୋଗ ପାଇଥିଲେ । ୰ ପ୍ରତିହାରୀଙ୍କ ତା.୧୬.୯.୨୦ରିଖରେ ୭୯ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିଲେ । ସେ ଜଣେ ନିଷ୍ଠାପର ପ୍ରତିହାରୀ ସେବକ ଭାବେ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ଶ୍ରୀମନ୍ଦିରର ସମସ୍ତ ନିଯୋଗ କର୍ମକର୍ତ୍ତା ଗଭୀର ଶୋକାଭିଭୂତ ହୋଇ ଜଣେ ଦରଦୀ ତଥା ପରାମର୍ଶଦାତାଙ୍କୁ ହରାଇଲା ବୋଲି ଏଥିରେ ଶ୍ରୀମନ୍ଦିର ପ୍ରଶାସନ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା କରିବା ସହ ଜଣେ ନିଷ୍ଠାପର ସେବାୟତ ଭାବେ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ ଏବଂ ସଂସ୍କାର ଧର୍ମୀ ଜଣେ ମାର୍ଗଦର୍ଶକଙ୍କୁ ହରାଇଲା ବୋଲି କୁହାଯାଇଛି ।



### ୰ ଇଂ. ବଳଦେବ ସିଂହାରୀ

ଇଂ.ବଳଦେବ ସିଂହାରୀ ବରିଷ୍ଠ ପୁଷ୍ପାଳକ ଓ ମହାଜନ ସେବାରେ ନିୟୋଜିତ ହୋଇ ସେବା କରିଆସୁଥିଲେ । ଇଂ.ସିଂହାରୀ ଶ୍ରୀମନ୍ଦିର ପରିଚାଳନା କମିଟିର ମଧ୍ୟ କାର୍ଯ୍ୟ କରିବାର ସୁଯୋଗ ପାଇ ତା.୧୧.୯.୧୪ରୁ ତା.୧୩.୭.୧୭ ପର୍ଯ୍ୟନ୍ତ ସଭ୍ୟପଦରେ ରହି ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରି ଆସୁଥିଲେ । ସେ ଜଣେ ଅତ୍ୟନ୍ତ ନିଷ୍ଠାପର ସେବକ ଥିଲେ । ପୁଷ୍ପାଳକ ଏବଂ ମହାଜନ ନିଯୋଗର ବିଭିନ୍ନ କାର୍ଯ୍ୟକର୍ତ୍ତା ରୂପେ କାର୍ଯ୍ୟ କରି ସେବକ ମହଲରେ ଅତ୍ୟନ୍ତ ପ୍ରିୟପାତ୍ର ହୋଇ ପାରିଥିଲେ । ଶ୍ରୀମନ୍ଦିର ପ୍ରଚାର ପ୍ରସାର ଉପସମିତିର ଜଣେ ସଦସ୍ୟ ରୂପେ ମନୋନୀତ ହୋଇ ବୈଠକ ମାନଙ୍କରେ ଅଂଶ ଗ୍ରହଣ କରିଆସୁଥିଲେ । ୰ ସିଂହାରୀ ତା.୫.୯.୨୦ ରିଖରେ ମୃତ୍ୟୁ ବରଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କ ୭୯ ବୟସ ହୋଇଥିଲା । ତାଙ୍କ ବିୟୋଗରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଗଭୀର ଶୋକ ପ୍ରକାଶ ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ଠାରେ କାମନା କରାଯାଇଛି ।



### ୰ ପ୍ରେମାନନ୍ଦ ଦାସ ମହାପାତ୍ର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବରିଷ୍ଠ ଦଇତାପତି ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରାକ୍ତନ ସଭ୍ୟ ପ୍ରେମାନନ୍ଦ ଦାସମହାପାତ୍ରଙ୍କର ଗତ ତା.୨୦.୯.୨୦ରିଖ ଦିନ ସକାଳ ୭.୩୦ମି. ସମୟରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା । ୰ ଦାସମହାପାତ୍ର ଶ୍ରୀମନ୍ଦିର ପରିଚାଳନା କମିଟି ସଭ୍ୟ ଭାବେ ତା.୧୧.୯.୧୪ ରୁ ତା. ୧୩.୭.୧୭ ପର୍ଯ୍ୟନ୍ତ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ । ଏଥିସହ ଦାସମହାପାତ୍ର ଦଇତାପତି ନିଯୋଗର ଦୀର୍ଘଦିନ ସମ୍ପାଦକ ଥିଲେ । ତାଙ୍କ ଶବଶୋଭାଯାତ୍ରା ଦୋଳମଣ୍ଡପ ସାହି ବାସଭବନକୁ ଯିବା ପରେ । ବହୁ ବରିଷ୍ଠ ସେବକ, ନିଯୋଗ କର୍ମକର୍ତ୍ତା ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ । ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

*ଯୁଗେ ଯୁଗେ ରଥଯାତ୍ରା .....*

# ୧୯୧୯ ମସିହା ପୁରୀ ରଥଯାତ୍ରା

## (ଭାଗ-୫୪-ସଂଖ୍ୟା ୨୫ - ତା. ୨୧ ରିଖ, ଜୁନ)

ଗତ ତା. ୧୨ ରିଖ ଗୁରୁବାର ଶେଷ ରାତ୍ର ଘ୩ଣ୍ଟା ପରେ ଝଡ଼ି ବର୍ଷା ଓ ପ୍ରବଳ ପବନର ପ୍ରତିବନ୍ଧକ ସତ୍ତ୍ୱେ ଶ୍ରୀଜୀଉଙ୍କର ପହଣ୍ଡି ବିଜୟ ଆରମ୍ଭ ହୋଇଥିଲା ଏବଂ ବର୍ଷା ଜଳରେ ତିନ୍ତି ୨ ଠାକୁରମାନେ ତା. ୧୩ ରିଖ ଶୁକ୍ରବାର ଠିକ୍ ପ୍ରାତଃ କାଳରେ ସ୍ନାନ ମଣ୍ଡପରେ ବିରାଜମାନ ହେଲେ ।ପବନର ପ୍ରାବଲ୍ୟ ଯୋଗୁଁ ମଣ୍ଡପର ଚନ୍ଦ୍ରାରଣ ଶ୍ରେଣୀ ଛିନ୍ନ ବିଚ୍ଛିନ୍ନ ଏବଂ ସାଜସଜ୍ଜାର ସୌନ୍ଦର୍ଯ୍ୟ ନଷ୍ଟ ହୋଇ ଯାଇଥିଲା । ଦୈନିକ ମଙ୍ଗଳ ଆଳତୀ ଓ ଅବକାଶ ଶେଷେ ପୂର୍ବାହ୍ନ ଘ୮ଣ୍ଟାରେ ଜଳପୂଜା ଏବଂ ଘ୯ଣ୍ଟା ସମୟେ ସ୍ନାନ ବିଧି ଯଥା ବିହିତ ଉତ୍ସବ ସହକାରେ ସମ୍ପନ୍ନ ହୋଇଥିଲା । ଘଣ୍ଟା, ବାଦ୍ୟାଦି ମଙ୍ଗଳ ସମ୍ଭାର ସହ ମଠମାନଙ୍କରୁ ଆନୀତ ହସ୍ତି ବେଶ ଧାରଣ ପରେ ମଧ୍ୟାହ୍ନ ଘ୨ଣ୍ଟା ମଧ୍ୟରେ ଶ୍ରୀଜୀଉଙ୍କର ଖେଚେଡ଼ି ଭୋଗ ଶେଷ ହୁଅନ୍ତେ ଯାତ୍ରିମାନଙ୍କ ଦର୍ଶନ ସକାଶେ ମନ୍ଦିର ପୁଲୀଶ ତତ୍ତ୍ୱାବଧାନରେ ସାହାଣମେଳାର ବ୍ୟବସ୍ଥା ହୋଇଥିଲା ଏବଂ ଯାତ୍ରୀ ଓ ସ୍ଥାନୀୟ ଲୋକେ ସୁଖ ସ୍ୱଚ୍ଛନ୍ଦରେ ସନ୍ଧ୍ୟା ପର୍ଯ୍ୟନ୍ତ ଦର୍ଶନାଦି କରିଥିଲେ । ପରେ ବାହୁଡ଼ା ପହଣ୍ଡି ଆରମ୍ଭ ହେଲା ଏବଂ ରାତ୍ର ପ୍ରାୟ ଘ୧୧ଣ୍ଟାରେ ଠାକୁରମାନେ ଅନବସର ପିଣ୍ଡିରେ ବିଜେ କରିଥିଲେ । ସେଠାରେ ପଟସ୍ଥାପନାଦି ବିଧାନାନ୍ତେ ଅବଶିଷ୍ଟ ଦୈନିକ ନୀତି ସମାପ୍ତ ହୋଇଥିଲା ।




ଏ ବର୍ଷ ସ୍ନାନଯାତ୍ରାକୁ ବଙ୍ଗାଳି ଯାତ୍ରୀ ପ୍ରାୟ ୧୫ ହଜାର ଆସିଥିଲେ । ଅନ୍ୟାନ୍ୟ ଯାତ୍ରୀ ବିରଳ ଥିଲେ । ସ୍ନାନଯାତ୍ରା ସକାଶେ ଘରଭଡ଼ା ଜଣପ୍ରତି ଏକଟଙ୍କା ଏବଂ ଆଗାମୀ ରଥଯାତ୍ରା ପର୍ଯ୍ୟନ୍ତ ଚାରି ପାଞ୍ଚ ଟଙ୍କା ହୋଇଥିଲା । ଅନେକ ଯାତ୍ରୀ ସ୍ନାନଯାତ୍ରା ଦର୍ଶନ କରି ପ୍ରସ୍ଥାନ କରି ଅଛନ୍ତି ଏବଂ କେତେକ ରଥଯାତ୍ରା ପର୍ଯ୍ୟନ୍ତ ଅବସ୍ଥାନ କରିଅଛନ୍ତି । ପୂର୍ଣ୍ଣିମା ପରେ ଓଲାଉଠା ଆରମ୍ଭ ହୋଇଅଛି । ପୂର୍ଣ୍ଣିମା ଚାରି ପାଞ୍ଚ ଦିନ ପୂର୍ବରୁ ଝଡ଼ି ବର୍ଷା ଓ ପବନ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ସକାଳ ପର୍ଯ୍ୟନ୍ତ ସ୍ଥାୟୀ ହୋଇଥିଲା । ●



ତା ୧୮.୮.୨୦ରେ ଅଠରନଳାସ୍ଥିତ ମା' ଆଲାମଚଣ୍ଡୀଙ୍କ ମନ୍ଦିରରୁ ସେବକମାନେ 'ସାତପୁରୀ ତାଡ଼' ନେଇ ଶ୍ରୀମନ୍ଦିରକୁ ଯାଉଛନ୍ତି ।

# ଭକ୍ତ ଗଣପତି ଭଟ୍ଟ

କର୍ଣ୍ଣାଟକର କାଣିଆରୀ ଗ୍ରାମର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ଗଣପତି ଭଟ୍ଟ ଥିଲେ ଗାଣପତ୍ୟ ସଂପ୍ରଦାୟର ଜଣେ ଶ୍ରେଷ୍ଠ ସାଧକ । ତାଙ୍କ ସାଧନାର ଆରାଧ୍ୟ ଥିଲେ ଶ୍ରୀଶ୍ରୀ ଗଣପତି ସ୍ୱାମୀ । ତାଙ୍କ ଦୃଷ୍ଟିରେ ଗଣେଶ ହିଁ ସ୍ୱୟଂ ପରଂବ୍ରହ୍ମ । ଜଗତର ସ୍ରଷ୍ଟା ଓ ନୀୟନ୍ତା । ଏହି ମହାନ୍ ସାଧକଙ୍କ ମନରେ ସବୁବେଳେ ଲାଳସା ଥିଲା 'ବ୍ରହ୍ମ' ସାକ୍ଷାତ୍କାର ଲାଭ କରି ଜୀବନ୍ମୁକ୍ତ ପ୍ରାପ୍ତି । ସଂସାର ବୈରାଗ୍ୟ ଥାଇ ମଧ୍ୟ ମୁକ୍ତି ପାଇପାରୁ ନଥିବାରୁ ମନଦୁଃଖ ଥିଲା । ହଠାତ୍ ଏଇ ସମୟରେ ବ୍ରହ୍ମ ପୁରାଣ ପାଠ କରୁ କରୁ ତାଙ୍କ ଦୃଷ୍ଟିରେ ପଡ଼ିଲା ସ୍ୱୟଂ ପରଂବ୍ରହ୍ମ କଳିଯୁଗରେ ସ୍ଥୂଳ ସ୍ୱରୂପ ଧାରଣ କରି ଦକ୍ଷିଣ ସାଗର ନିକଟସ୍ଥ ନୀଳଗିରିରେ ରହିଛନ୍ତି । ତାଙ୍କର ଦର୍ଶନ କରିବା କ୍ଷଣି ସାକ୍ଷାତ ମୁକ୍ତି ପ୍ରାପ୍ତି ହେବ ।



ଏହା ଜାଣିବା ପରେ ଗଣପତି ଭଟ୍ଟ ସବୁକିଛି ତ୍ୟାଗ କରି ଶ୍ରୀପୁରୁଷୋତ୍ତମ କ୍ଷେତ୍ରସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ବାହାରି ପଡ଼ିଲେ । ବ୍ରହ୍ମ ପୁରାଣକୁ ହାତରେ ଧରି ବାଟସାରା ଭିକ୍ଷାନ୍ନ ଏବଂ ଫଳାହାର କରି ଶ୍ରୀଜଗନ୍ନାଥଙ୍କ ବିଷୟରେ ପଢ଼ି ପଢ଼ି ବହୁ ଦିନ ପରେ ଆସି ଅଠରନଳା ପାଖରେ ପହଞ୍ଚିଲେ । ଏହି ସମୟରେ ସେ ଦେଖିଲେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ମହାପ୍ରସାଦ ଧରି ଆନନ୍ଦମନରେ ଶ୍ରୀକ୍ଷେତ୍ରରୁ ଲୋକମାନେ ଫେରୁଛନ୍ତି । ଭକ୍ତମାନଙ୍କୁ ସେ ଏ ବିଷୟରେ ପ୍ରଶ୍ନ କରିବା ପରେ ତାଙ୍କ ଉତ୍ତର ଗଣପତି ଭଟ୍ଟଙ୍କୁ ଦୁଃଖିତ କଲା ।

ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ବ୍ରହ୍ମ ଦର୍ଶନ ପରେ ମଣିଷ ବ୍ରହ୍ମଲୀନ ହୋଇଯାଏ । ସ୍ୱ ଦେହରେ ଫେରିବ କିପରି ? ଏ କଥା ତ ବ୍ରହ୍ମ ପୁରାଣରେ ରହିଛି । ତାଙ୍କ ମନ ଘୋର ଦୁଃଖରେ ପୂର୍ଣ୍ଣ ହୋଇଗଲା । ସେ ଭାବିଲେ ଏତେ ପରିଶ୍ରମ କରି ଆସିବା ବୃଥା ହୋଇଗଲା । ଏ ଜୀବନ ଯଦି ମୁକ୍ତି ନପାଇବ ରଖି ଲାଭ କ'ଣ ? ତା' ଅପେକ୍ଷା ଆତ୍ମହତ୍ୟା କରିଦେବା ଭଲ । ମନରେ ଆତ୍ମହତ୍ୟା କଥା ଆସିବା କ୍ଷଣି ସେ ଜୀବନ ହାରିବାକୁ ପ୍ରସ୍ତୁତ ହେଲାବେଳେ, ସ୍ୱୟଂ ଭକ୍ତ ବତ୍ସଳ ଜଗନ୍ନାଥ ବ୍ରାହ୍ମଣ ବେଶରେ ଦର୍ଶନ ଦେଇ, ବୁଝାଇଲେ ପରଂବ୍ରହ୍ମ ଭକ୍ତର ମନବାଞ୍ଛା ପୂରଣ କରନ୍ତି । ଯିଏ ଯେଉଁ ଇଚ୍ଛା ନେଇ ଆସେ ସିଏ ସେଇ ଫଳପାଏ । ସେ ପରା କଳ୍ପତରୁ । ତୁମେ ଯାଇ ତୁମ ଅଭିଳାଷ ସହ ଦର୍ଶନ କର, କାମନା ନିଶ୍ଚୟ ପୂର୍ଣ୍ଣ ହେବ ।

ବ୍ରାହ୍ମଣଙ୍କ କଥାରେ ଗଣପତି ଭଟ୍ଟ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଗଲେ । ସେତେବେଳେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଚାଲିଥିଲା । ସେବକମାନେ ତୀର୍ଥ ଜଳରେ ପ୍ରଭୁଙ୍କୁ ସ୍ନାନ କରାଉଥାନ୍ତି । ଗଣପତି ସ୍ନାନବେଦୀକୁ ଚାହିଁ ଠାକୁରଙ୍କ ଠାରେ ଗଣେଶ ସ୍ୱରୂପ ନଦେଖି ପୁନର୍ବାର ସନ୍ଦେହରେ ସ୍ନାନବେଦୀ ଠାରୁ ଫେରି ଆସିଲେ । ତାଙ୍କର ଧାରଣା ଥିଲା ପରଂବ୍ରହ୍ମ ପ୍ରଭୁ ତାଙ୍କ ଆରାଧ୍ୟଙ୍କ ରୂପରେ ଦର୍ଶନ ଦେବେ । ପ୍ରଭୁ, ଭକ୍ତର ମନ କଥା ଜାଣି ଜଗମୋହନରେ ଢୁଳାଇ ପଡ଼ିଥିବା ମୁଦିରସ୍ତଙ୍କ ସ୍ୱପ୍ନରେ ଗଣପତିଙ୍କ ସବୁକଥା କହିଲେ । ମୁଦିରସ୍ତଙ୍କ ନିଦ ଭାଙ୍ଗିଗଲା । ସେ ଠାକୁରଙ୍କ ନିର୍ଦ୍ଦେଶ ଅନୁସାରେ ଗଣପତିଙ୍କୁ ଖୋଜି ଠାବ କଲେ ଏବଂ ବୁଝାଇଲେ ଯେ ସେ ସ୍ଥିର ଏବଂ ଦୃଢ଼ ଚିତ୍ତରେ ଠାକୁରଙ୍କୁ ଦେଖିଲେ ଗଣେଶ ରୂପ ଦର୍ଶନ କରିବେ । ମୁଦିରଥଙ୍କ କଥାନୁସାରେ ପୁନର୍ବାର ସେ ଫେରି ସ୍ନାନବେଦୀକୁ ନୀରିକ୍ଷଣ କଲେ । ଆଶ୍ଚର୍ଯ୍ୟ ହୋଇଗଲେ ଭଟ୍ଟ ମହାଶୟ । ସାମ୍ନାରେ ଦେଖିଲେ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ହାତୀ ବେଶରେ ନିଜ ଶୁଣ୍ଢରେ ମହାପ୍ରସାଦ ଭୋଜନ କରି ଚାଲିଛନ୍ତି । ସେ ନିଜର ମୂର୍ଖାମୀ ପାଇଁ ନିଜକୁ ଧିକ୍କାର କରିଚାଲିଲେ । ଆଖିରୁ ଧାର ଧାର ଆନନ୍ଦାଶ୍ରୁ ବୋହି ଚାଲିଥିଲା । ମହାପ୍ରଭୁଙ୍କ ଠାରେ କ୍ଷମା ପ୍ରାର୍ଥନା କରୁ କରୁ ସାଷ୍ଟାଙ୍ଗ ଦଣ୍ଡବତ କଲେ । ସେହି ଦଣ୍ଡବତ କରିବା ଅବସ୍ଥାରେ ହିଁ ତାଙ୍କ ଆତ୍ମା ପରମାତ୍ମାରେ ଲୀନ ହୋଇଗଲା । ଅର୍ଥାତ ସେ ବ୍ରହ୍ମ ଲୀନ ହୋଇଗଲେ । ସେହି ଦିନ ଠାରୁ ଭକ୍ତର ମନବାଞ୍ଛା ପୂରଣ ପାଇଁ ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇ ଆସୁଅଛି ।

● *ସୁନୀଲ କୁମାର ରଥ, ଅବସରପ୍ରାପ୍ତ ରିଡ଼ର- ଉପର ନୂଆ ସାହି, ପୁରୀ*

# ଫଟୋରେ ଶ୍ରୀକୃଷ୍ଣ ଲୀଳା


ବନଭୋଜି ବେଶ


କାଳୀୟଦଳନ ବେଶ


ପ୍ରଳମ୍ବାସୁର ବଧ ବେଶ


କୃଷ୍ଣବଳରାମ ବେଶ


କୃଷ୍ଣଲୀଳାରେ ମହାପ୍ରଭୁ


ଲବଣୀଖିଆରେ ମହାଭୋଇ କୁଳବଧୂଙ୍କ ବନ୍ଦାପନା


ମାର୍କଣ୍ଡ ପୁଷ୍କରିଣୀଠାରେ କାଳୀୟଦଳନ ନୀତି


ପ୍ରଳମ୍ବାସୁର ବଧ ନୀତି


ଧେନୁକାସୁର ବଧ ନୀତି


କେକେଶୀ ବଧ ନୀତି


କଂସ ବଧ ନୀତି ସଂପନ୍ନ

# କରମାବାଈ ଖେଚୁଡ଼ିରେ ଶରଧା

ମହାପ୍ରଭୁଙ୍କର ଷାଠିଏ ପଉଟି ଅନ୍ନ ଏବଂ ଛପନ ପ୍ରକାର ବ୍ୟଞ୍ଜନ, ଖିରି, ପୁରି, ପିଠା ମିଠା ପ୍ରତିଦିନ ପ୍ରସ୍ତୁତ ହୁଏ ବୋଲି ଭକ୍ତମାନେ ଜାଣନ୍ତି । ଇଏ ସବୁ ଆବହମାନ କାଳରୁ ଚଳି ଆସୁଛି । ଭକ୍ତକୁ ପ୍ରାଧାନ୍ୟ ଦେବାପାଇଁ ଭକ୍ତଙ୍କ ଜୀବନଧନ ବେଳେ ବେଳେ ନୂଆ କଥା କରିଥାନ୍ତି । ମହାପ୍ରଭୁଙ୍କ ମହାପ୍ରସାଦରେ ସ୍ଥାନ ପାଇଛୁ କରମାବାଈ ଖେଚୁଡ଼ି । ଏହାର ନାମକରଣ କରାଯାଇଛି ଜଣେ ଭକ୍ତିମତୀ ବାତ୍ସଲ୍ୟ ମମତାମୟୀ ମା' କରମାବାଈଙ୍କ ନାମକୁ ଆଧାର କରି । କରମାବାଈ ଜଣେ ପଶ୍ଚିମାଯାତ୍ରୀ, ଯାଠ ପରିବାରର ବୋହୂ । ମାତ୍ର ପରିବାର ସଂସାର ସୁଖ ତାଙ୍କ ଭାଗ୍ୟରେ ଖୁବ୍ କମ୍ ଦିନ ପାଇଁ ଆସିଥିଲା । ବିବାହର ଅଳ୍ପଦିନ ମଧ୍ୟରେ ତାଙ୍କ ଶାଶୁ ଶଶୁର ଡାକହାକ ହୋଇ ଆରପୁରକୁ ବାଟ କାଟିଲେ । ସନ୍ତାନ ସୁଖ ମିଳିବା ପୂର୍ବରୁ ସ୍ୱାମୀ ମଧ୍ୟ ସେ ପାରିକୁ ଚାଲିଗଲେ । ବିଧବା ବେସାହାରା ଏକଲା ଜୀବନ କରମା ବାଈଙ୍କୁ ବିଷ ପିତା ଲାଗିଲା । ଘରବାଡ଼ି ସଂପତ୍ତିର ମୋହ ତୁଟାଇ ସେ ଶ୍ରୀକ୍ଷେତ୍ରକୁ ଚାଲି ଆସିଲେ । ଗରୁଡ଼ ଖମ୍ଭ ପଛରେ ଠିଆ ହୋଇ ପ୍ରାର୍ଥନା କଲେ; 'ମହାପ୍ରଭୁ ଏ ସଂସାରରେ ମୋର ଆପଣାର ହୋଇ ଆଉ କେହି ନାହାନ୍ତି । କୋଳରେ ସନ୍ତାନଟିଏ ଥିଲେ ଟିକିଏ ସାନ୍ତ୍ୱନା ମିଳିଥାନ୍ତା । ସେତକ ତ ତୁମେ ଦେଲ ନାହିଁ, ଏବେ ତୁମରି ପାଖକୁ ଚାଲିଆସିଛି । ଆଖି ବୁଜିଲା ପର୍ଯ୍ୟନ୍ତ ତୁମକୁ ଛାଡ଼ି ପାରିବି ନାହିଁ । ତୁମେ ଦୁଇଭାଇ ମୋର ପୁଅ ହୋଇପାରିବ କି ? ନିର୍ମାଖୀ ଜୀବନରେ ଏଡ଼େବଡ଼ ଆଶା ବାନ୍ଧି ଆସିଛି । ତୁମେ ତ ଇଚ୍ଛାମୟ । ତୁମ ଇଚ୍ଛା ହେଲେ ଏ ଦୁଃଖିନୀର ପ୍ରାର୍ଥନା ପୂରଣ କରିପାରିବ' । ଚକା ଚକା ନୟନ ମେଲି ଚାହିଁରହିଥିବା ଭକ୍ତବତ୍ସଳ ଭଗବାନ ଭକ୍ତର ଅନ୍ତରର ଆକୁଳ ବେଦନା ଜାଣିପାରିଲେ । ମନ ଗହନର ଗୋପନ କଣକୁ ବାର୍ତ୍ତା ପଠାଇଦେଲେ । 'ତୁମେ ଶ୍ରୀକ୍ଷେତ୍ରରେ ରହି-ଯା ମା । ତୁମ ମନସ୍କାମନା ପୂରଣ ହେବ ।' ବଡ଼ଦାଣ୍ଡକୁ ଲାଗିଥିବା ଅଳିଆଗଦା ପାଖରେ ଛୋଟ କୁଡ଼ିଆଟିଏ କରି ରହିଗଲେ କରମାବାଈ । ପ୍ରତିଦିନ ସକାଳେ ମଙ୍ଗଳ ଆଳତି, ମଧ୍ୟାହ୍ନ ଆଳତି ଏବଂ ସନ୍ଧ୍ୟା ଆଳତି ଏବଂ ପହୁଡ଼ ଆଳତି ଦର୍ଶନ କରି ଜୀବନକୁ ଧନ୍ୟ ମଣିଲେ । ବାର ମାସରେ ତେରଯାତ୍ରା, ସର୍ବୋପରି ଗୁଣ୍ଡିଚା ଓ ବାହୁଡ଼ାଯାତ୍ରା ଦେଖି ବୈକୁଣ୍ଠ ବାସର ତୃପ୍ତି ଅନୁଭବ କଲେ । ଆଦ୍ୟ ମଗୁଶୀର ମାସରେ ମା' ଲକ୍ଷ୍ମୀ ଠାକୁରାଣୀ ବାପ ଘରକୁ ଯିବେ । ଯଶୋମତୀ ମା ସୂର୍ଯ୍ୟ ଉଦୟ ପୂର୍ବରୁ ପୁଅ ଦୁହିଁଙ୍କୁ ପହିଲି ଭୋଗ ଖୁଆଇ ଦେବେ । ଏ କଥା ଜାଣିବା ପରେ କରମାବାଈ ମନେ ମନେ ଭାବିଲେ ମୋ ହାତରନ୍ଧା ଖେଚୁଡ଼ି ଅନ୍ନ ମହାପ୍ରଭୁ ଗ୍ରହଣ କରନ୍ତେ କି ? ମୋ ଜୀବନ ଧନ୍ୟ ହୋଇଯାଆନ୍ତା । ଶ୍ରୀକ୍ଷେତ୍ରରେ ରହଣି ଫଳପ୍ରସୂ ହୁଅନ୍ତା । ସେ ଲକ୍ଷ୍ୟ କଲେ ତାଙ୍କ ଦାଣ୍ଡ ଦୁଆର ପାଖରେ ବଡ଼ିଭୋରୁ ସାଇପିଲାମାନେ ଖେଳୁଛନ୍ତି । ସେମାନଙ୍କ ଖେଳ ଦେଖି କରମାବାଈ ମନେ ମନେ ଚିନ୍ତାକଲେ ଏଇମାନେ ତ ମୋର ବାଳଗୋପାଳ । ଏମାନଙ୍କୁ ଖେଚୁଡ଼ି ଖୁଆଇ ପାରିଲେ ମହାପ୍ରଭୁ ଦିନେ ନା ଦିନେ ଆସି ଖେଚୁଡ଼ି ଖାଇବେ । ମୋ ମନସ୍କାମନା ପୂର୍ଣ୍ଣ ହେବ । ପିଲାମାନଙ୍କ ପାଇଁ ଖେଚୁଡ଼ି ଅନ୍ନ ରାନ୍ଧିବା ପୂର୍ବରୁ ପିଲମାନେ ଆସି ଖେଳରେ ମାତି ଥାଆନ୍ତି । କଳାଧଳା ଦୁଇଗୋଟି ପିଲା କବାଟ ବାଡ଼େଇ ଡାକନ୍ତି ମା ଜଲଦି ଖେଚୁଡ଼ି ଆଣ । ଭୋକରେ ପେଟ ଜଳିଲାଣି । ଚୁଲିରେ ଖେଚୁଡ଼ି ବସିଛି । କରମାବାଈ ନିତ୍ୟକର୍ମ ସାରି ନାହାନ୍ତି । ଦାନ୍ତକାଠିଟିଏ ହାତରେ ଧରିଛନ୍ତି । ଅନ୍ୟମନସ୍କ ଭାବେ ସେହି ଦାନ୍ତକାଠିର ପଛପାଖରେ ଖେଚୁଡ଼ି ବଡ଼ାକୁ ଘାଣ୍ଟିଦେଲେ । ଅଇଁଠା ଦାନ୍ତକାଠିରେ ଖେଚୁଡ଼ିକୁ ଘାଣ୍ଟୁଛନ୍ତି ଏକଥା ପ୍ରତି ତାଙ୍କର ନିଘା ନାଇଁ । ଦାନ୍ତକାଠିଟିକୁ ଫିଙ୍ଗି ଦେଇ ଚୁଲିରୁ ଖେଚୁଡ଼ି ବଡ଼ା ଓହ୍ଲାଇ ଆଣି ପତ୍ର ଠୋଲାରେ ପିଲାମାନଙ୍କ ହାତକୁ ବଢ଼ାଇ ଦେଲେ । ସବା ଆଗରେ ଦୁଆର ମୁହଁରେ ଥିବା କଳାଧଳା ଭାଇ ଦି'ଜଣ କରମାବାଈଙ୍କ ହାତରୁ ଖେଚୁଡ଼ି ନେଇ ମନ ଆନନ୍ଦରେ ଖାଇବାକୁ



ଲାଗିଲେ । ଅନ୍ୟ ପିଲାମାନେ ମଧ୍ୟ ଖେଚୁଡ଼ି ଖାଇଲେ । ଭାଇ ଦି'ଜଣ ଖାଇସାରି କହିଲେ ଆଉ ଖେଚୁଡ଼ି ଅଛି ମା ? ଜିଭ କାମୁଡ଼ି ପକାଇଲେ କରମାବାଈ । ସବୁ ଖେଚୁଡ଼ି ସରିଯାଇଛି । କହିଲେ କାଲି ଆସିବ ବାପା । ବହୁତ ବହୁତ ଦେବି । ପିଲାମାନେ ଆନନ୍ଦ ମନରେ ହୋ ହା କରି ଚାଲିଗଲେ । ତା ପରଦିନ ବଡ଼ି ଭୋରୁ ପୁଣି ଖେଳ ଆରମ୍ଭ ହୋଇଗଲା । କରମାବାଈ ଦାନ୍ତକାଠି ପାଟିରେ ଗୁଞ୍ଜୁ ଗୁଞ୍ଜୁ ପିଲାଙ୍କ ପାଟି ଶୁଣି ତରବରରେ ଦାନ୍ତ କାଠିରେ ଖେଚୁଡ଼ିକୁ ଘାଣ୍ଟିଲେ । ତେଣେ ବଡ଼ ଦେଉଳରେ ପହିଲି ଭୋଗବେଳେ ପୂଜାପଣ୍ଡାଙ୍କ ଚଳୁରେ ଠାକୁରମାନେ ଦୃଶ୍ୟ ହେଲେ ନାହିଁ । ଏକଥା ଯାଇ ପହଞ୍ଚିଲା ଗଜପତି ମହାରାଜାଙ୍କ କାନରେ । ମନଦୁଃଖରେ ସେ ଅଧିଆ ପଡ଼ିଲେ । ସ୍ୱପ୍ନାଦେଶ ଦେଇ ମହାପ୍ରଭୁ କହିଲେ ମା' କରମାବାଈ ଖେଚୁଡ଼ି ଖାଇବା ପାଇଁ ମୁଁ ଓ ବଡ଼ ଭାଇ ଚାଲି ଯାଉଛୁ ଦେଉଳ ବାହାରକୁ । ସେହି ଖେଚୁଡ଼ି ଯଦି ଦେଉଳରେ ପ୍ରସ୍ତୁତ ହେବ ତେବେ ଆମେ ବଡ଼ ଦେଉଳରୁ ବାହାରକୁ ଯିବୁ ନାହିଁ । ଏ କଥା ଜାଣିବା ପରେ ମହାରାଜା ଆଦେଶ ଦେଲେ କରମାବାଈଙ୍କ ଠାରୁ ରାନ୍ଧଣା ପ୍ରଣାଳୀ ବୁଝି ସେହି ଅନୁସାରେ ଖେଚୁଡ଼ି ପ୍ରସ୍ତୁତ ହେବ ଏବଂ ସେହି ଖେଚୁଡ଼ି ଭୋଗର ନାଁ ରହିବ 'କରମାବାଈ ଖେଚୁଡ଼ି' । ସେହି ଦିନଠାରୁ ମହାପ୍ରଭୁଙ୍କ ମହାପ୍ରସାଦରେ 'କରମାବାଈ ଖେଚୁଡ଼ି' ଭୋଗ କରାଯାଉଛି । ଭକ୍ତିମତୀ ମା' କରମାବାଈଙ୍କ ବାତ୍ସଲ୍ୟ ମମତାର ଡୋରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁ କିଭଳି ବନ୍ଧା ହୋଇ ରହିଛନ୍ତି ଏକଥା ଜଗତଜନଙ୍କ ସମ୍ମୁଖରେ ପ୍ରଚାରିତ ହେଉଛି ।

*ଶ୍ରୀ ଶଂକର୍ଷଣ ମଂଗରାଜ*

*(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

## କନ୍ୟା ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧୬.୯.୨୦ ରିଖ ବୁଧବାର | ଶ୍ରୀମନ୍ଦିରରେ କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମା ପୂଜା |
| ତା. ୧୭.୯.୨୦ ରିଖ ଗୁରୁବାର | ମହାଳୟା |
| ତା. ୧୮.୯.୨୦ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଆଶ୍ୱିନ ମଳମାସ ଆରମ୍ଭ, ଦୁର୍ଗାମାଧବଙ୍କ ବାହାର ବିଜେ |
| ତା. ୨୭.୯.୨୦ ରିଖ ରବିବାର | ଶ୍ରୀମନ୍ଦିରରେ ପୁରୁଷୋତ୍ତମ ଶୁକ୍ଳ ଏକାଦଶୀ |
| ତା. ୧୩.୧୦.୨୦ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ପୁରୁଷୋତ୍ତମ କୃଷ୍ଣ ଏକାଦଶୀ |

ସୌଜନ୍ୟ- OMC ODISHA NEW OPPORTUNITIES

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : Jagannath.or@nic.in * Web Site : www.shreejagannatha.in**

**Printed at : Rama Press, North Gate, Puri, Ph. : 222145**

ମୂଲ୍ୟ : ଦୁଇଟଙ୍କା ମାତ୍ର